# ମୁଖ୍ୟ ପରିଚାଳନା ନିର୍ଦ୍ଦେଶକଙ୍କ ନୀଳାଚଳ କାରଖାନା ଗସ୍ତ

କଳିଙ୍ଗନଗର, ୧୧/୩ (ଇମିସ) : ଏମ୍ଏମ୍‌ଟିସି ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ତଥା ନୀଳାଚଳ କାରଖାନା ଅଧ୍ୟକ୍ଷ ବେଦ ପ୍ରକାଶ ଆଜି ପୂର୍ବାହ୍ଣରେ ନୀଳାଚଳ କାରଖାନା ପରିଦର୍ଶନରେ ଆସିଥିଲେ। ତାଙ୍କ ସହ ପୂର୍ବତନ ନିର୍ଦ୍ଦେଶକ ଏସ୍‌ଡି କାପୁର ମଧ୍ୟ ସାମିଲ ଥିଲେ। ନୀଳାଚଳ ହାଉସ୍ ଠାରେ କାରଖାନାର ସ୍ଥିତି ଉପରେ ଆଲୋଚନା କରିଥିଲେ। କାରଖାନାର ପରିଚାଳନା ନିର୍ଦ୍ଦେଶକ ଜିଏମ୍ ଗିଲ,ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ଆର୍ ରଂଜିତ୍, କାର୍ଯ୍ୟକାରୀ ନିର୍ଦ୍ଦେଶକ ଆର୍‌କେ ଝାଙ୍କ ସହ ମିଳିତ ଭାବେ ଏହି ଟିମ୍ କାରଖାନାର ଏସ୍ଏମ୍ଏସ୍ ସାଇଡ୍‌କୁ ଯାଇଥିଲେ। ଏମ୍ଏମ୍ଏସ୍ ବାରମ୍ବାର ବନ୍ଦ୍ କରିବା ଫଳରେ କାରଖାନା ବହୁ କୋଟି ଟଙ୍କା କ୍ଷତି ସହୁଛି। ନିକଟରେ ଦେଢ଼ ମାସ ତଳେ ପୁଣି ଥରେ ଏସ୍ଏମ୍ଏସ୍‌କୁ ଚାଲୁ କରାଯାଇଛି। ଉତ୍ପାଦନକ୍ଷମତା ଅନୁଯାୟୀ ଏସ୍ଏମ୍ଏସର ଯନ୍ତ୍ରାଂଶ ଗୁଡ଼ିକ ଠିକ୍ ଅଛିକି ନାହିଁ ତାହା ପରଖି ଥିଲେ। ପରେ କାରଖାନାର ବ୍ଲାଷ୍ଟ ଫର୍ଣ୍ଣେସ୍‌କୁ ଯାଇଥିଲେ। ୧୪ ବର୍ଷ ତଳେ ସ୍ଥାପିତ ହୋଇଥିବା ପୁରାତନ ବ୍ଲାଷ୍ଟ ଫର୍ଣ୍ଣେସ ଏବେ ଠିକ୍ ଅଛି କି ନାହିଁ ତାହା ମଧ୍ୟ ବୁଲି ଦେଖିଥିଲେ। କାରଖାନାରେ ବହୁ ଗୁରୁତ୍ୱପୂର୍ଣ୍ଣ ଯନ୍ତ୍ରାଂଶ ସହ ବିଏଫ୍ କୁମରାମ୍ କରାଯିବା ପାଇଁ ପ୍ରସ୍ତାବ ରଖାଯାଇ ଏହା ଖର୍ଚ୍ଚ ଆକଳନ କରିବାକୁ ଅଧ୍ୟକ୍ଷ ନିର୍ଦ୍ଦେଶ ଦେଇଥିଲେ। ଅପରାହ୍ଣରେ ଏହି ଟିମ୍ ଫେରି ଯାଇଥିଲେ।